# NATIONAL NEWS BULLETIN (ODIA)

**1 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପୂର୍ବ ଏବଂ ଉତ୍ତରପୂର୍ବ ଭାରତରେ ଜଟିଳ ମାମଲା ଗୁଡ଼ିକର ସମାଧାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ କୋଲକାତାର କେନ୍ଦ୍ରୀୟ ଫରେନ୍‌ସିକ୍ ସାଇନ୍ସ ଲାବୋରାଟୋରୀ-କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଫ୍ରାନ୍ସକୁ ୩ ଦିନିଆ ସରକାରୀ ଗସ୍ତରେ ଗଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ।

- ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତାର ନୀତି ପ୍ରସାର ଉଦ୍ଦେଶ୍ୟରେ ଭାରତୀୟ ପ୍ରତିନିଧି ଦଳର ବିଭିନ୍ନ ଦେଶ ଗସ୍ତ ଜାରି ।

- ତୈଳ ବିପଣନ କମ୍ପାନୀ ଗୁଡ଼ିକ ପକ୍ଷରୁ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ହ୍ରାସ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ହେବ ମୁକାବିଲା ।

# ଅମିତ ଶାହା-କୋଲକାତା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି କୋଲକାତାର ନିଉ ଟାଉନ୍‌ରେ କେନ୍ଦ୍ରୀୟ ଫରେନ୍‌ସିକ୍ ସାଇନ୍ସ ଲାବୋରୋଟାରୀର ନୂତନ ଅଟାଳିକାକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହା କହିଛନ୍ତି କୋଲକାତାର ଏହି ନୂତନ ସିଏଫ୍‌ଏସ୍‌ଏଲ୍ ଲାବୋରାଟୋରୀ ପୂର୍ବ ଏବଂ ଉତ୍ତରପୂର୍ବ ଭାରତରେ ଜଟିଳ ମାମଲା ଗୁଡ଼ିକର ସମାଧାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

**-V/O - (Amit Saha)**

ସ୍ୱରାଷ୍ଟ୍ର ମନ୍ତ୍ରୀ ପଶ୍ଚିମବଙ୍ଗକୁ ଦୁଇଦିନିଆ ଗସ୍ତରେ ଯାଇ ଗତକାଲି ରାତିରେ କୋଲକାତାଠାରେ ପହଞ୍ଚିଥିଲେ ।

# ଗୋୟଲ-ଫ୍ରାନ୍ସ ଭିଜିଟ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ ଆଜି ଫ୍ରାନ୍ସକୁ ତାଙ୍କ ୩ଦିନିଆ ସରକାରୀ ଗସ୍ତ ଆରମ୍ଭ କରିଛନ୍ତି । ଏହି ଗସ୍ତ ପ୍ରମୁଖ ୟୁରୋପୀୟ ଅଂଶୀଦାରମାନଙ୍କ ସହିତ ରଣନୈତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ମଜଭୁତ କରିବା ସହ ସହଭାଗୀ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା କ୍ଷେତ୍ରରେ ଭାରତର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଫ୍ରାନ୍ସରେ ଅବସ୍ଥାନ ସମୟରେ ଶ୍ରୀ ଗୋୟଲ ସେଠାକାର ଅର୍ଥମନ୍ତ୍ରୀ ଏରିକ୍ ଲୋମ୍ବାଡ, ବାଣିଜ୍ୟମନ୍ତ୍ରୀ ଲରେଣ୍ଟ ସେଣ୍ଟ ମାର୍ଟିନ୍‌ଙ୍କ ସମେତ ଫରାସୀ ମନ୍ତ୍ରୀମାନଙ୍କ ସହିତ ଦ୍ୱିପକ୍ଷୀୟ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ଫ୍ରାନ୍ସରେ

ରହଣି ସମୟରେ ଭାରତ-ଫ୍ରାନ୍ସ ବ୍ୟବସାୟ କ୍ଷେତ୍ରର ପ୍ରମୁଖ ଅଂଶୀଦାରଙ୍କ ମଧ୍ୟରେ ଆଲୋଚନାରେ ଭାଗନେବାର କାର୍ଯ୍ୟସୂଚୀ ରହିଛି । ଏତଦ୍‌ବ୍ୟତୀତ ମନ୍ତ୍ରୀ ବିଶ୍ୱ ବାଣିଜ୍ୟ ସଂଗଠନର ମନ୍ତ୍ରୀମାନଙ୍କ ଅନୌପଚାରିକ ସମାବେଶରେ ମଧ୍ୟ ଅଂଶଗ୍ରହଣ କରିବେ । ଏହି ଗୁରୁତ୍ୱପୂର୍ଣ୍ଣ ଫୋରମରେ ସେ ପ୍ରମୁଖ ବହୁପାକ୍ଷିକ ବାଣିଜ୍ୟ ପ୍ରସଙ୍ଗ ଉପରେ ବିଶ୍ୱ ପ୍ରତିପକ୍ଷଙ୍କ ସହ ଯୋଗାଯୋଗ କରି ଭାରତର ଦୃଷ୍ଟିକୋଣ ସ୍ପଷ୍ଟ କରିବେ ।

## ଅଲ୍ ପାର୍ଟି ଡେଲିଗେସନ୍

ଭାରତର ନିରନ୍ତର ପ୍ରୟାସର ଅଂଶସ୍ୱରୂପ 'ଅପରେସନ୍ ସିନ୍ଦୂର' ଅନ୍ତର୍ଗତ ଆତଙ୍କବାଦ ବିରୋଧରେ ଭାରତର ନୀତିଗତ ଏବଂ ଦୃଢ଼ ମନୋଭାବ ନେଇ ଗଠିତ ୭ଟି ସଂସଦୀୟ ପ୍ରତିନିଧି ଦଳ ସେମାନଙ୍କର ପ୍ରସାର କାର୍ଯ୍ୟକ୍ରମ ସହ ବିଭିନ୍ନ ଦେଶରେ ଅଛନ୍ତି। ଏହି ପ୍ରତିନିଧି ଦଳ ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା ନୀତିର ବାର୍ତ୍ତା ପ୍ରଦାନ କରିଛନ୍ତି। ଶଶୀ ଥରୁରଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଆଜି ବ୍ରାଜିଲ୍ ଗସ୍ତ ପାଇଁ ବ୍ରାସିଲିଆରେ ପହଞ୍ଚିଥିଲେ। ପ୍ରତିନିଧି ଦଳକୁ ବିମାନ ବନ୍ଦରରେ ଚାର୍ଜ ଡି'ଆଫେୟାର୍ସ ସନ୍ଦୀପ କୁମାର କୁଜୁର ସ୍ୱାଗତ କରିଥିଲେ। ଶ୍ରୀ ଥରୁର୍ କହିଛନ୍ତି, ସେମାନେ ବ୍ରାଜିଲରେ ଏକ ଗଠନମୂଳକ ଆଲୋଚନା ପାଇଁ ଅପେକ୍ଷା କରିଛନ୍ତି।

ଏହି ଗସ୍ତ ଅବସରରେ ପ୍ରତିନିଧିଦଳ ସେଠାକାର ରାଷ୍ଟ୍ରପତିଙ୍କ ମୁଖ୍ୟ ପରାମର୍ଶଦାତା ସେଲ୍‌ସୋ ଆମୋରିମ୍, ବୈଦେଶିକ ବ୍ୟାପାର ସଚିବ ଜେନେରାଲ ମାରିଆ ଲୌରା ଡା ରୋଚାଙ୍କ ସମେତ ବହୁ ବରିଷ୍ଠ ବ୍ରାଜିଲୀୟ ନେତା ଏବଂ ସାଂସଦଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଶିବସେନା ସାଂସଦ ଶ୍ରୀକାନ୍ତ ସିଂଦେଙ୍କ ନେତୃତ୍ୱାଧୀନ ପ୍ରତିନିଧିଦଳ ଲାଇବେରିଆର ମନରୋଭିଆରେ ୩ ଦିନ ରହଣୀ ସମୟରେ ସେଠାକାର ରାଷ୍ଟ୍ରପତି, ପ୍ରତିନିଧିସଭାର ବାଚସ୍ପତି, ସିନେଟର, ପ୍ରୋ-ଟେମ୍ପୋର, ଲାଇବେରିଆର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସାକ୍ଷାତ କରିବେ। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସିନ୍ଧେ କହିଛନ୍ତି...

ଜେଡିୟୁ ସାଂସଦ ସଞ୍ଜୟ କୁମାର ଝାଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ଦଳ ଇଣ୍ଡୋନେସିଆକୁ ସଫଳ ଗସ୍ତ ଶେଷ କରିବା ପରେ ଆଜି ମାଲେସିଆର କ୍ୱାଲାଲାମପୁରରେ ପହଞ୍ଚିଛି । ଏହି ପ୍ରତିନିଧି ଦଳ ମାଲେସିଆର ମନ୍ତ୍ରୀ, ସାଂସଦ, ବିଶେଷଜ୍ଞ ଦଳ, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ ଏବଂ ଭାରତୀୟ ସଂପ୍ରଦାୟ ସହ ସାକ୍ଷାତ୍ କରି ଭାରତର ଜାତୀୟ ସହମତି ଏବଂ ସମସ୍ତ ପ୍ରକାର ଆତଙ୍କବାଦ ବିରୋଧରେ ଭାରତର ସାମୁହିକ ସଂକଳ୍ପ ବିଷୟରେ ଅବଗତ କରାଇବେ । ଏଥିପୂର୍ବରୁ ପ୍ରତିନିଧି ଦଳ ବ୍ରିକ୍‌ଫିଲ୍ଡସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ସଂସ୍କୃତି କେନ୍ଦ୍ରରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେମାନେ ଆଇଏନ୍‌ଏର ବାଳକ ସେନାର ଅଂଶ ଥିବା ଭାରତୀୟ ଜାତୀୟ ସେନାର

ପ୍ରବୀଣ ଏସ୍.ପି ନାରୟଣ ସ୍ୱାମୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ପ୍ରତିନିଧି ଦଳ ଆତଙ୍କବାଦ ବିରୁଦ୍ଧରେ ଭାରତକୁ ସମର୍ଥନ ପାଇଁ ଶ୍ରୀ ନାରାୟଣ ସ୍ୱାମୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଆଲ୍‌ଜେରିଆରେ ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ସର୍ବଦଳୀୟ ପ୍ରତିନିଧି ଦଳ ଆଲେଜିରିଆର ଗଣମାଧ୍ୟମ, ବୁଦ୍ଧିଜୀବୀ, ପ୍ରବାସୀ ଭାରତୀୟଙ୍କ ଏକ ବର୍ଗଙ୍କୁ ବିଶ୍ୱପ୍ରତି ଆତଙ୍କବାଦର ବିପଦ ସମ୍ପର୍କରେ ଅବଗତ କରାଇଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ବିଦେଶରେ ଜାତୀୟ ସଂପ୍ରଦାୟ ଏବଂ ଆଲ୍‌ଜେରିଆର ଆଫ୍ରିକୀୟ ବ୍ୟାପାରର ବରିଷ୍ଠ ଅଧିକାରୀମାନେ ଏହି ଆଲୋଚନାରେ ଯୋଗ ଦେଇଥିଲେ । ଆଲୋଚନା ପରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ପୀଡିତମାନଙ୍କ ପାଇଁ ଏକମିନିଟ୍ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ବିଜେପି ସାଂସଦ ରବିଶଙ୍କର ପ୍ରସାଦଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳ ଚଳିତମାସ ୩ ତାରିଖ ପର୍ଯ୍ୟନ୍ତ ବ୍ରିଟେନ୍ ଗସ୍ତରେ ଅଛନ୍ତି । ଆତଙ୍କବାଦ ବିରୋଧରେ ଭାରତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିବା ସହ ସେମାନେ ହାଉସ୍ ଅଫ୍ କମନ୍ସର ବାଚସ୍ପତି ଲିଣ୍ଡ୍‌ସେ ହୋଇ ଏବଂ ବ୍ରିଟେନ୍ ସଂସଦର ପ୍ରତିନିଧିମାନଙ୍କୁ ଅବଗତ କରାଇବେ ।

ଡିଏମ୍‌କେ ସାଂସଦ କେ କାନିମୋଝିଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳ ସ୍ପେନ୍‌ର ମାଦ୍ରିଦରେ ପହଞ୍ଚିଛନ୍ତି । ଆଗାମୀ ଦୁଇଦିନ ମଧ୍ୟରେ ପ୍ରତିନିଧି ମଣ୍ଡଳୀ ସ୍ପେନ୍ ସରକାରଙ୍କ ସଦସ୍ୟ, ପ୍ରବାସୀ ଭାରତୀୟ ମାନଙ୍କୁ ସାକ୍ଷାତ୍

କରି ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତାର ମତ ଉପସ୍ଥାପନ କରିବେ ।

## ଏଲ୍‌ପିଜି

ଆଜିଠାରୁ ତୈଳ ବିପଣନ କମ୍ପାନୀ ଗୁଡ଼ିକ ଦ୍ୱାରା ୧୯ କେଜି ବିଶିଷ୍ଟ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟରେ ୨୪ଟଙ୍କା ହ୍ରାସ କରାଯାଇଛି । ତେବେ ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ କୌଣସି ହ୍ରାସ ହୋଇନାହିଁ । ଚଳିତବର୍ଷ ଏପ୍ରିଲ ମାସରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୪୧ଟଙ୍କା ହ୍ରାସ କରାଯାଇଥିଲା ।

## ଡିଫେନ୍ସ ସେକ୍ରେଟାରୀ

ଭାରତୀୟ ସଶସ୍ତ୍ର ବାହିନୀର ଆଧୁନିକୀକରଣକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଅସ୍ତ୍ରଶସ୍ତ୍ର କ୍ରୟ ପ୍ରକ୍ରିୟାକୁ ସଂକ୍ଷିପ୍ତ କରିବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି । ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ କହିଛନ୍ତି ଏହି ପଦକ୍ଷେପ ମାଧ୍ୟମରେ ସମୟ ବଞ୍ଚିବା ସହ ବର୍ତ୍ତମାନର ଆବଶ୍ୟକତା ସହ ମେଳ ଖାଉଥିବା ୨୦୨୦ କ୍ରୟ ନିୟମକୁ ସଂଶୋଧନ କରାଯାଉଛି । ନୂଆଦିଲ୍ଲୀରେ ପ୍ରତିରକ୍ଷା ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି ମନ୍ତ୍ରଣାଳୟ କ୍ରୟଚକ୍ରର କିଛି ପ୍ରକିୟା ପାଇଁ

ସମୟସୀମାକୁ ହ୍ରାସ କରିଛନ୍ତି । ଜାହାଜ ନିର୍ମାଣ କ୍ଷେତ୍ରରେ ଉନ୍ନତ ମଧ୍ୟମ ଯୁଦ୍ଧବିମାନ ପ୍ରକଳ୍ପ ପାଇଁ ନୂତନ ପଦ୍ଧତି ପୂର୍ବରୁ କାର୍ଯ୍ୟକାରୀ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି । ସରକାର ମେ’ ୨୭ ତାରିଖରେ ଏକ ସ୍ୱଦେଶୀ ପଞ୍ଚମ ପିଢ଼ୀର ଯୁଦ୍ଧବିମାନର ବିକାଶକୁ କାର୍ଯ୍ୟାନ୍ୱୟନ ପାଇଁ ଯୋଜନା ପ୍ରକାଶ କରିଥିଲେ । ପ୍ରତିରକ୍ଷା ମନ୍ତ୍ରଣାଳୟ ୨୦୨୫କୁ ସଂସ୍କାରର ବର୍ଷ ଭାବେ ଘୋଷଣା କରିଛି । ସୈନ୍ୟବାହିନୀକୁ ନୂତନ ଆହ୍ୱାନର ମୁକାବିଲା କରିବାକୁ ସକ୍ଷମ କରିବା ତଥା ଯୁଦ୍ଧ ପ୍ରସ୍ତୁତ ବାହିନୀରେ ପରିଣତ କରିବା ଏହାର ଲକ୍ଷ୍ୟ ରହିଛି ।

## ମିଜୋରାମ ଲ୍ୟାଣ୍ଡସଲାଇଡ୍

ମିଜୋରାମରେ ଗତ ୩ ଦିନ ଧରି ବନ୍ୟା ଏବଂ ଭୂସ୍ଖଳନ ଘଟଣାରେ ୫ଜଣଙ୍କର ମୃତ୍ୟୁ ହୋଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାର ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ରିପୋର୍ଟ ଅନୁସାରେ ଗତ ୨୪ଘଣ୍ଟା ମଧ୍ୟରେ ଆଇଜଲ, ଲୁଙ୍ଗୁଲେଇ, ଚମ୍ପାଇ, କୋଲାସୀ, ସେରଛିପ, ଲଙ୍ଗଟଲାଇ ଆଦି ଜିଲ୍ଲାରେ ଅନେକ ଭୂସ୍ଖଳନ ହୋଇଛି । ଚମ୍ପାଇ ଜିଲ୍ଲାରେ ଆଜି ସକାଳେ ଭାରତ-ମିଆଁମାର ସୀମା ନିକଟବର୍ତ୍ତୀ ଭାଫାଇ ଗ୍ରାମରେ ହୋଇଥିବା ଭୂସ୍ଖଳନରେ ୩ଜଣଙ୍କର ମୃତ୍ୟୁ ହୋଇଛି । ଆକାଶବାଣୀ ସହ କଥାବାର୍ତ୍ତା ବେଳେ ଭାରତୀୟ ପାଣିପାଗ ବିଭାଗ ଆଇଜଲର ନିର୍ଦ୍ଦେଶକ ସୁଧୀର

କୁମାର ଦ୍ୱିବେଦୀ କହିଛନ୍ତି ଆସନ୍ତାକାଲି ପର୍ଯ୍ୟନ୍ତ ମିଜୋରାମରେ ଝଡ଼, ତୋଫାନ, ବିଜୁଳି ସହିତ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି ।

## ସିକ୍କିମ ଫ୍ଲଡ

ସିକ୍କିମର ମାଙ୍ଗାନ ଜିଲ୍ଲାର ଅନେକ ସ୍ଥାନରେ ଭୂସ୍ଖଳନ ଯୋଗୁଁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସରକାରୀ ସୂତ୍ର ଅନୁସାରେ ମାଙ୍ଗାନ ଜିଲ୍ଲାର ଲାଚେନ୍ ଏବଂ ଲୁଚୁଙ୍ଗରେ ପ୍ରାୟ ୧୫ଶହ ପର୍ଯ୍ୟଟକ ଅଟକି ରହିଛନ୍ତି । ବିଭିନ୍ନ ସଂସ୍ଥା ଦ୍ୱାରା ପୁନଃରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ପୁନଃରୁଦ୍ଧାର କାର୍ଯ୍ୟ ସମାପ୍ତ ନହେବା ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କୁ ବାହାରକୁ ନଯିବାକୁ ପରାମର୍ଶ ଦିଆଯାଇଛି । ବର୍ଷା ଯୋଗୁଁ ମାଙ୍ଗାନ ଜିଲ୍ଲାର କିଛି ସ୍ଥାନରେ ପିସ୍ତା ନଦୀରେ ଜଳପ୍ରବାହ ଅଧିକ ରହିଛି । ଅନ୍ୟପକ୍ଷରେ ଚୁଙ୍ଗଥାଙ୍ଗରେ ନିଖୋଜ ୯ଜଣ ପର୍ଯ୍ୟଟକଙ୍କୁ ଖୋଜିବା ଲାଗି ପ୍ରୟାସ ଜାରି ରହିଛି ।

## ନିଉ ଏମ୍ଓଡି ଏସେ

୭୮ତମ ସ୍ୱାଧୀନତା ଦିବସ ଉପଲକ୍ଷେ କେନ୍ଦ୍ର ସରକାର ଯୁବବର୍ଗଙ୍କ ପାଇଁ ଆଜିଠାରୁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରୁଛନ୍ତି । ପ୍ରଥମ ପ୍ରତିଯୋଗିତା ହେଉଛି ଅପରେସନ ସିନ୍ଦୂର । ଆତଙ୍କବାଦ ବିରୁଦ୍ଧରେ

ଭାରତର ନୀତିକୁ ପୁନଃ ପରିଭାସିତ କରିବା ଉପରେ ଏକ ଦ୍ୱିଭାଷୀ ପ୍ରବନ୍ଧ ପ୍ରତିଯୋଗିତା । ପ୍ରତିଯୋଗିତାର ଶ୍ରେଷ୍ଠ ୩ ବିଜେତା ପ୍ରତ୍ୟେଗ ୧୦ହଜାର ଟଙ୍କାର ନଗଦ ପୁରସ୍କାର ପାଇବା ସହ ନୂଆଦିଲ୍ଲୀର ଲାଲକିଲ୍ଲାରେ ୭୮ତମ ସ୍ୱାଧୀନତା ଦିବସରେ ଯୋଗଦେବାର ସୁଯୋଗ ପାଇବେ । ପ୍ରତିଯୋଗିତାର ଭାଗେନେବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ମାଇଁ ଜିଓଭି ୱେବ୍‌ସାଇଟ୍ ପରିଦର୍ଶନ କରି ସବିଶେଷ ତଥ୍ୟ ପାଇପାରିବେ ।

## ରୁଷ୍-ଟ୍ରେନ୍ ଆକ୍ସିଡେଣ୍ଟ

ରୁଷ୍‌ର କୁସ୍କ ଅଞ୍ଚଳରେ ଝେଲେଜନୋ ଗୋର୍ସ୍କ ଜିଲ୍ଲାରେ ଏକ ରେଳପୋଲ ଭୁଶୁଡ଼ିପଡିବା ପରେ ଏକ ମାଲବାହୀ ଟ୍ରେନ୍‌ର ୩ଟି ବଗି ଲାଇନ୍‌ଚ୍ୟୁତ ହୋଇଛି । ଗତ ୨୪ଘଣ୍ଟା ମଧ୍ୟରେ ଏହା ଦ୍ୱିତୀୟ ଘଟଣା । ସେଠାକାର ରାଜ୍ୟପାଳ ଆଲେ୍‌କଜାଣ୍ଡାର ଖିନଷ୍ଟାଇନ୍ କହିଛନ୍ତି ଟ୍ରେସ୍ନୋ-କାଲିନୋଭକା ରାଜପଥରେ ଏହି ଦୁର୍ଘଟଣା ଘଟିଛି । ସେ କହିଛନ୍ତି ଦୁର୍ଘଟଣା ପରେ ସେହି ଟ୍ରେନ୍‌ରେ ନିଆଁ ଲାଗିଯାଇଥିଲା । ଜରୁରୀକାଳୀନ ପ୍ରତିକ୍ରିୟା ଦଳଗୁଡ଼ିକ ନିଆଁକୁ ଆୟତ୍ତ କରିଥିଲେ । ପୂର୍ବରୁ ଗତକାଲି ପଶ୍ଚିମ ବ୍ରାୟନ୍ସ୍କ ଅଞ୍ଚଳରେ ଏକ ପୋଲ ଭୁଶୁଡ଼ି ପଡିବା ପରେ ଯାତ୍ରୀବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଥିଲା । ୭ଜଣଙ୍କର ମୃତ୍ୟୁ ହେବା ସହ ୩୦ଜଣ ଆହତ

ହୋଇଥିଲେ । ଟ୍ରେନ୍‌ଟି ମସ୍କୋରୁ କ୍ଲିମୋଭୋ ଅଭିମୁଖେ ଯାତ୍ରା କରୁଥିବାବେଳେ ଏହା ଲାଇନ୍‌ଚ୍ୟୁତ ହୋଇଥିଲା ।

## ଆଇପିଏଲ୍

ଆଇପିଏଲ୍ ଟି-୨୦ କ୍ରିକେଟ ସିରିଜ୍‌ର ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଆଜି ସଂଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜି ମ୍ୟାଚ୍‌ର ବିଜେତା ଆସନ୍ତା ମଙ୍ଗଳବାର ଦିନ ରହିଥିବା ଫାଇନାଲ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ମୁକାବିଲା କରିବ । ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ମୁମ୍ବାଇ ଇଣ୍ଡିଆନ୍ସ ୫ଥର ଟାଇଟଲ ହାସଲ କରିଛି । ପୂର୍ବ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ୬ ଓ୍ୱିକେଟ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପରାସ୍ତ କରିଥିଲା । ମୁମ୍ବାଇ ଇଣ୍ଡିଆନ୍ସ ୨୦ରନ୍‌ରେ ଗୁଜୁରାଟ ଟାଇଟନ୍ସକୁ ପରାସ୍ତ କରିବା ପରେ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌କୁ ଉନ୍ନୀତ ହୋଇଥିଲା ।